# ଧାନ ଫସଲରେ ପାଣିପାଗ ଭିତ୍ତିକ ରୋଗ, ପୋକ ଏବଂ ଏହାର ପରିଚାଳନା


**ଦେବାଶିଷ ଜେନା, ସୁଜାତା ସେଠୀ, ଦିଲ୍ଲୀପ ରଞ୍ଜନ ଷଡ଼ଙ୍ଗୀ, ତୁଷାର ରଞ୍ଜନ ସାହୁ ଏବଂ ରଞ୍ଜନ କୁମାର ମହାନ୍ତ**




ଧାନ ଦ୍ୱିତୃତୀୟାଂଶ ଭାରତୀୟ ତଥା ୬୫% ରୁ ଅଧିକ ପୃଥିବୀବାସୀଙ୍କ ମୂଖ୍ୟ ଖାଦ୍ୟଶସ୍ୟ । ଭାରତରେ ଚାଷ ହେଉଥିବା ସମସ୍ତ ଜମିର ୨୩.୩% ଅଂଶରେ ଧାନ ଚାଷ ହୋଇଥାଏ । ଧାନ ଭାରତର ସମସ୍ତ ଖାଦ୍ୟ ଶସ୍ୟ ଉତ୍ପାଦନର ୪୩% ଓ ଶସ୍ୟ ଜାତୀୟ ଉତ୍ପାଦନର ୪୬% ଅଟେ । ଭାରତ ତଥା ଓଡିଶାର ଖାଦ୍ୟ ନିରାପତ୍ତା ଓ ଗ୍ରାମୀଣ ଜୀବିକା ନିର୍ବାହ କ୍ଷେତ୍ରରେ ଧାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଆମ ରାଜ୍ୟରେ ବର୍ଷା ଋତୁରେ ଖରିପ୍ ଧାନ ଉତ୍ପାଦନ ହୁଏ ଓ ଗ୍ରୀଷ୍ମ ଋତୁରେ ଯେଉଁଠି ଜଳସେଚନ ସୁବିଧା ଅଛି ସେଠି ଡାଲୁଅ ଧାନ ଚାଷ ହୁଏ । ଓଡିଶାରେ ଧାନ ଉତ୍ପାଦନ ମୂଖ୍ୟତଃ ମୌସୁମୀ ବର୍ଷା ଉପରେ ନିର୍ଭର କରେ । ଜଳସେଚିତ ଜମି ଓ ବର୍ଷା ନିର୍ଭରଶୀଳ ଖାଲ ଜମି ମୂଖ୍ୟତଃ ଧାନ ଉତ୍ପାଦନର ପ୍ରମୂଖ ଭୂମିକା ଗ୍ରହଣ କରନ୍ତି । ଏହିସବୁ ଜମିରେ ଉଷ୍ମ ଓ ଆର୍ଦ୍ର ପରିବେଶ ବିଭିନ୍ନ ପ୍ରକାର କୀଟ ତଥା ରୋଗ ପାଇଁ ଅତ୍ୟନ୍ତ ଅନୁକୂଳ । ବିଗତ କିଛି ବର୍ଷର ପରିବର୍ତ୍ତିତ ଜଳବାୟୁ ବହୁମାତ୍ରାରେ କୀଟମାନଙ୍କର ସଂଖ୍ୟା ଓ ଆକ୍ରମଣ ସହ ରୋଗର ପ୍ରାଦୁର୍ଭାବ ଧାରାକୁ ପ୍ରଭାବିତ କରିଛି । ଧାନ ଉତ୍ପାଦନରେ ଘଟୁଥିବା ହ୍ରାସ ପାଇଁ କୀଟମାନେ ବହୁଅଂଶରେ ଦାୟୀ ଓ ଏମାନଙ୍କ ନିୟନ୍ତ୍ରଣ ପାଇଁ ନୀୟମିତ ଦୃଷ୍ଟି ଦେବା ଆବଶ୍ୟକ । ପରିବର୍ତ୍ତିତ ଜଳବାୟୁ ଯୋଗୁଁ ଫସଲରେ ବହୁମାତ୍ରାରେ କୀଟ ମାନଙ୍କର ସଂଖ୍ୟା ଓ ଆକ୍ରମଣ ଧାରାରେ ପ୍ରଭାବ ପଡୁଛି । ବିଗତ ପାଞ୍ଚ ଦଶନ୍ଧି ମଧ୍ୟରେ ଧାନରେ ପ୍ରମୁଖ

କ୍ଷତି ଘଟାଉଥିବା କୀଟମାନଙ୍କ ସଂଖ୍ୟା ୪ ରୁ ବଢି ୧୪ ରେ ପହଞ୍ଚିଛି । କେତେକ ନଗଣ୍ୟ କ୍ଷତି କରୁଥିବା ରୋଗପୋକ ଅଧିକ କ୍ଷତି କରିବା ସହ ମୁଖ୍ୟ ଅନିଷ୍ଟକ ଭାବେ ଉଭା ହୋଇଛନ୍ତି । ଯାହା ଦ୍ୱାରା ୧୫-୨୦% ଅମଳ ହ୍ରାସ ପାଉଛି ଏହାସହ ବିଭିନ୍ନ ରୋଗମାନଙ୍କ ପ୍ରଦୁର୍ଭାବ ମଧ୍ୟ ଅନୁକୂଳ ପାଗସହ ବୃଦ୍ଧି ଘଟି ଅମଳରେ ବାଧା ସୃଷ୍ଟି କରୁଛି । ରୋଗ ନିୟନ୍ତ୍ରଣ ପାଇଁ ଉଚିତ ପଦକ୍ଷେପ ଗ୍ରହଣ ନକଲେ ରୋଗ ସହନ ଶକ୍ତି ନଥିବା କିସମ ଗୁଡିକରେ ପ୍ରଭୁତ କ୍ଷତି ହୋଇଥାଏ ଓ ଏପରିକି ପୁରା ଫସଲ ନଷ୍ଟ ହେବାର ସମ୍ଭାବନା ଥାଏ । ଏହି ପରୀପ୍ରେକ୍ଷିରେ ପାଣିପାଗ ସୁଚନା ଓ ପୂର୍ବାନୁମାନ ଭିତ୍ତିକ ରୋଗ ଓ ପୋକର ପୂର୍ବାନୁମାନ ଓ ପରିଚାଳନା ନିହାତୀ ଜରୁରୀ । ସଠିକ ବୈଜ୍ଞାନିକ ଜ୍ଞାନ କୌଶଳ, ଉନ୍ନତ ବିହନ, ସଠିକ ଚାଷ ପଦ୍ଧତି, ରାସାୟନିକ ଓ ଜୈବିକ ପଦ୍ଧତିର ଉପଯୁକ୍ତ ସମିଶ୍ରଣରେ ଫଳପ୍ରଦ ତଥା ଲାଭଜନକ ଉପାୟରେ ପୋକ ଓ ରୋଗର ନିୟନ୍ତ୍ରଣ ହୋଇପାରିବ ।

ଏହି ପତ୍ରିକାରେ ମୁଖ୍ୟତଃ ଚାଷୀ ମାନଙ୍କ ଦୃଷ୍ଟି କୋଣରୁ ଧାନ ଫସଲକୁ ରୋଗ ଓ ପୋକ ଦାଉରୁ ରକ୍ଷା କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଛି ।

**ପାଣିପାଗ ଭିତ୍ତିକ ପୋକ ଏବଂ ଏହାର ପରିଚାଳନା**

**କାଣ୍ଡବିନ୍ଧା ପୋକ**



**ପାଣିପାଗ :** କ୍ରମାଗତ ଭାବେ ଅତ୍ୟଧିକ ଆପେକ୍ଷିକ ଆର୍ଦ୍ରତା (୯୦-୧୦୦%) ସହିତ ତାପମାତ୍ରା କମ୍ (୨୦-୩୦ °c) ରହିଲେ ।

**ବୃଦ୍ଧି ଅବସ୍ଥା :** ତଳି ରୁ ରୁଆ ପରବର୍ତ୍ତୀ ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବର୍ଗ ମିଟର ରେ ଗୋଟିଏ ପ୍ରଜାପତି କିମ୍ବା ଗୋଟିଏ ଅଣ୍ଡା ପୁଞ୍ଜ କିମ୍ବା ୫% ମୃତ ମଞ୍ଜି (ରୁଆ ରୁ ମଧ୍ୟମ ପିଲ ଅବସ୍ଥା)

**ପରିଚାଳନା :** ଏକର ପ୍ରତି ୪୦୦ମି.ଲି. କ୍ୟୁନାଲୋଫସ୍ କିମ୍ବା ଆଜାଡିରାକ୍ଟିନ ୦.୧୫% ୮୦୦ମି.ଲି. କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କାହାଳିଆ ବା ବଙ୍ଗୀ ପୋକ**



**ପାଣିପାଗ :** କ୍ରମାଗତ ଭାବେ ବର୍ଷା/ମେଘୁଆ ପାଗ ଓ ବାୟୁମଣ୍ଡଳରେ ଆର୍ଦ୍ରତା ଅଧିକା ରହିଲେ । ବିଳମ୍ବ ରେ ଲଗାଯାଇଥିବା ଧାନ ଗଛରେ ଅଧିକା ଲାଗେ ।

**ବୃଦ୍ଧି ଅବସ୍ଥା :** ତଳି ରୁ କେଣ୍ଡା ବାହାରିବା ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ୫% ଆକ୍ରାନ୍ତ ପିଲ / ବର୍ଗ ମିଟର ରେ ଗୋଟିଏ କାହାଳି ।

**ପରିଚାଳନା :** ଏକର ପ୍ରତି ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ଗ୍ରାମ / ଫିପ୍ରୋନିଲ୍ ୫% ଏସ୍‌ସି ୪୦୦ମି.ଲି. / କ୍ଲୋରୋପାଇରିଫସ୍ ୨୦ଇସି ୫୦୦ମି.ଲି. କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ମାଟିଆଗୁଣ୍ଡି/ ଚକଡା ପୋକ**



**ପାଣିପାଗ :** ଜମିରେ ପାଣି ବେଶି ଦିନ ଜମା ରହିଲେ କିମ୍ବା ଅତ୍ୟଧିକ ଯବକ୍ଷାରଜାନ ସାରର ପ୍ରୟୋଗ, ଘଞ୍ଚ ଭାବେ ଗଛ ଲଗାଇବା ଓ ସନ୍ତସନ୍ତିଆ ପରିବେଶ ଏହା ପାଇଁ ଅନୁକୂଳ । ପାଗରେ ଆର୍ଦ୍ରତା ଓ ରାତିର ତାପମାତ୍ରା ୨୧-୨୩ °C ଏହାର ବୃଦ୍ଧି ପାଇଁ ସହାୟକ ।

**ବୃଦ୍ଧି ଅବସ୍ଥା :** ପିଲ ରୁ କେଣ୍ଡା ବାହାରିବା ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ୧୦-୧୫ ଟି ପୋକ (ପିଲ ରୁ ଥୋଡ ଅବସ୍ଥା), ବୁଦା ପ୍ରତି ୨୫-୩୦ ଟି ପୋକ (ଫୁଲ ଓ ପରବର୍ତ୍ତୀ ଅବସ୍ଥା)

**ପରିଚାଳନା :** କ୍ରମାଗତ ଭାବେ ଜମିର ସୁକ୍ଷ୍ମ ପରିବେଶ ପରିବର୍ତ୍ତନ କରନ୍ତୁ । ଏକର ପ୍ରତି ନିମ୍ନ ଜାତୀୟ ଔଷଧ ଆଜାଡିରାକ୍ଟିନ ୦.୧୫% ୮୦୦ମି.ଲି/ପାଇମେଟ୍ରୋଜିନ୫୦% ଡବ୍ଲୁ ଜି ୧୨୦ଗ୍ରାମ / ଡିନୋଟେଫ୍ୟୁରାନ ୨୦% ଏସଜି ୮୦ଗ୍ରାମ/ଇମିଡାକ୍ଲୋପ୍ରିଡ ୧୭.୮ଏସ୍‌ଏଲ ୫୦ମି.ଲି. କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପତ୍ରମୋଡା ପୋକ**



**ପାଣିପାଗ :** ଜଳସେଚିତ ଜମିରେ ଉଚ୍ଚ ଆର୍ଦ୍ରତା (୮୦%), ମେଘୁଆ ପାଗ, ଅଧିକା ଯବକ୍ଷାରଜାନ ପ୍ରୟୋଗ ଓ ଅଧିକା ଘଞ୍ଚ, ଛାଇ ଜାଗା ଏହାର ବୃଦ୍ଧି ପାଇଁ ସହାୟକ ।

**ବୃଦ୍ଧି ଅବସ୍ଥା :** ରୁଆ ରୁ କେଣ୍ଡା ବାହାରିବା ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ୨ଟି ଆକ୍ରାନ୍ତ ପତ୍ର

**ପରିଚାଳନା :** କ୍ଲୋରାନ୍ଟ୍ରନିଲିପ୍ରୋଲ ୩ମି.ଲି. କୁ ୧୦ଲି. ପାଣିରେ କିମ୍ବା ଫିପ୍ରୋନିଲ ୨ମି.ଲି. କୁ ପ୍ରତି ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଉକୁଣୀଆ ପୋକ**

**ପାଣିପାଗ :** ଶୁଖିଲା ପାଗ କିମ୍ବା ମୌସୁମୀ ବର୍ଷା ବିଳମ୍ବ ହେଲେ କିମ୍ବା ବର୍ଷା ପରେ ତାପମାତ୍ରା ବୃଦ୍ଧି ଦେଖଗଲେ ଏହି ପୋକ ମାନଙ୍କର ବଂଶ ବୃଦ୍ଧି ଅଧିକା ହୋଇଥାଏ ।

**ବୃଦ୍ଧି ଅବସ୍ଥା :** ତଳିଘରା ରୁ ରୁଆ ପରବର୍ତ୍ତୀ ଅବସ୍ଥା ।



**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ୧୦-୧୫ ଟି ବୟସ୍କ ପୋକ ।

**ପରିଚାଳନା :** ଏକର ପ୍ରତି ଆଜାଡିରାକ୍ଟିନ ୦.୧୫% ୮୦୦ମି.ଲି କିମ୍ବା ଲାମ୍ବଡାସାଇହାଲୋଥ୍ରିନ ୫% ଇସି ୧୦୦ ମି.ଲି. କିମ୍ବା ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ଗ୍ରାମ କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



**ଲେଡା ପୋକ**

**ପାଣିପାଗ :** ଅଧିକ ଦିନ ଶୁଷ୍କ ପାଗ ଲାଗି ରହିବା ପରେ ମୂଶଳ ବର୍ଷା ହେଲେ ଏହାର ବଶଂ ବୃଦ୍ଧି ହୋଇଥାଏ ଓ ଥଣ୍ଡା ପବନ ଦ୍ୱାରା ଏହା ଦୂର ଜାଗା କୁ ବ୍ୟାପିବାରେ ସହାୟକ ହୁଏ ।

**ବୃଦ୍ଧି ଅବସ୍ଥା :** ପିଲ ରୁ କେଣ୍ଡା ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ଗୋଟିଏ ଆକ୍ରନ୍ତ ପିଲ କିମ୍ବା ବର୍ଗ ମିଟର ପ୍ରତି ୨ଟି ଲାର୍ଭା ।

**ପରିଚାଳନା :** ଏକର ପିଛା କ୍ଲୋରୋପାଇରିଫସ୍ ୨୦ଇସି ୫୦୦ମି.ଲି. କିମ୍ବା ଲାମ୍ବଡାସାଇହାଲୋଥ୍ରିନ ୫% ଇସି ୧୦୦ ମି.ଲି. କିମ୍ବା କ୍ୟୁନାଲୋଫସ୍ ୨୫% ଇସି ୮୦୦ମି.ଲି. କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



**ଗନ୍ଧି ପୋକ**

**ପାଣିପାଗ :** ଧାନ ଫୁଲ ଉଡ଼ିବା ସମୟରେ ଖରାଟିଆ ପାଗ ଓ ଝିପିଝିପି ବର୍ଷା ହେଲେ ଏହି ପୋକଙ୍କ ସଂଖ୍ୟା ବୃଦ୍ଧି ପାଏ ।

**ବୃଦ୍ଧି ଅବସ୍ଥା :** ଫୁଲ ଧରିବା ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ଗୋଟିଏ କିମ୍ବା ଦୁଇଟି ବୟସ୍କ ପୋକ ।

**ପରିଚାଳନା :** ଏକର ପ୍ରତି ଆଜାଡିରାକ୍ଟିନ ୦.୧୫% ୮୦୦ମି.ଲି କିମ୍ବା ଲାମ୍ବଡାସାଇହାଲୋଥ୍ରିନ ୫% ଇସି ୧୦୦ ମି.ଲି. କିମ୍ବା ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ଗ୍ରାମ କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ବିରିହା ପୋକ**



**ପାଣିପାଗ :** ମୌସୁମୀ ପୂର୍ବରୁ ଅଧିକା ବର୍ଷା ହେଲେ କିମ୍ବା ପାଣି ଅଧିକା ଜମା ହେଲେ ଏବଂ ରାତି ଓ ଦିନ ର ତାପମାତ୍ରା ରେ ଅଧିକ ତାରତମ୍ୟ ଆସିଲେ ।

**ବୃଦ୍ଧି ଅବସ୍ଥା :** ପିଲ ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ଦୁଇଟି ପ୍ରାପ୍ତ ବୟଷ୍କ ପୋକ କିମ୍ବା ୧ - ୨ ଆକ୍ରାନ୍ତ ପତ୍ର ।

**ପରିଚାଳନା :** ଏକର ପିଛା କ୍ଲୋରୋପାଇରିଫସ୍ ୨୦ଇସି ୫୦୦ମି.ଲି. କିମ୍ବା ଲାମ୍ବଡାସାଇହାଲୋଥ୍ରିନ ୫% ଇସି ୧୦୦ ମି.ଲି.କିମ୍ବା ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ଗ୍ରାମ କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ନଳୀ ପୋକ**

**ପାଣିପାଗ :** ଫସଲ କିଆରିରେ ପାଣି ଜମୁଥିବା ସ୍ଥାନରେ ଠାଏଁ ଠାଏଁ ଜାଗାରେ ଏହି ପୋକ ଦେଖାଯାଏ ।



**ବୃଦ୍ଧି ଅବସ୍ଥା :** ପିଲ ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ବୁଦା ପ୍ରତି ୧ - ୨ ନଳୀ ।

**ପରିଚାଳନା :** ଏକର ପିଛା କ୍ଲୋରୋପାଇରିଫସ୍ ୨୦ଇସି ୫୦୦ମି.ଲି. କିମ୍ବା ଲାମ୍ବଡାସାଇହାଲୋଥ୍ରିନ ୫% ଇସି ୧୦୦ ମି.ଲି. କିମ୍ବା କ୍ୟୁନାଲୋଫସ୍ ୨୫% ଇସି ୮୦୦ମି.ଲି. କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ଦହିଆ ପୋକ**

**ପାଣିପାଗ :** ଢିପ ଜମିରେ ସାଧାରଣତଃ ଏହି ପୋକ ଦେଖାଯାଏ । ମରୁଡି ପଡିଲେ କିମ୍ବା ତାପମାତ୍ରା ବୃଦ୍ଧି ହେଲେ ଏହି ପୋକର ଆକ୍ରମଣ ବଢିଯାଏ ।



**ବୃଦ୍ଧି ଅବସ୍ଥା :** ପିଲ ଅବସ୍ଥା ।

**ପରିଚାଳନା :** ଏକର ପ୍ରତି ଇମିଡାକ୍ଲୋପ୍ରିଡ୍ ୧୭.୮ ଏସଏଲ ୧୦୦ମି.ଲି. କିମ୍ବା ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ଗ୍ରାମ କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**କନ୍ଦା ମାଛି**



**ପାଣିପାଗ :** ସୂର୍ଯ୍ୟ କିରଣ ପ୍ରତିଫଳିତ ହୋଇପାରୁଥିବା ପାଣି ଜମିଥିବା କିଆରିରେ ତଥା ଛଡା ଛଡା ହୋଇ ଲଗାଯାଇଥିବା ଅଳ୍ପ ଦିନର ଧାନ ଗଛରେ ଏମାନଙ୍କର ପ୍ରାଦୁର୍ଭାବ ଦେଖାଯାଏ ।

**ବୃଦ୍ଧି ଅବସ୍ଥା :** ପିଲ ଅବସ୍ଥା ।

**ଆର୍ଥିକ ଦେହଳୀ ସୀମା :** ୨୫% ଆକ୍ରନ୍ତ ପତ୍ର ।

**ପରିଚାଳନା :** ଏକର ପିଛା କ୍ଲୋରୋପାଇରିଫସ୍ ୨୦ଇସି ୫୦୦ମି.ଲି. କିମ୍ବା ଫିପ୍ରୋନିଲ ୫% ଏସସି ୪୦୦ମି.ଲି.କିମ୍ବା ଥାୟୋମିଥୋକ୍ସାମ ୨୫% ଡବ୍ଲୁଜି ୪୦ଗ୍ରାମ କୁ ୨୦୦ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ପାଣିପାଗ ଭିତ୍ତିକ ରୋଗ ଏବଂ ଏହାର ପରିଚାଳନା**

**ମହିଷା ରୋଗ**



**ପାଣିପାଗ :** ବାୟୁ ର ଆପେକ୍ଷିକ ଆର୍ଦ୍ରତା ୮୬-୯୮% ଓ ରାତି ର ତାପମାତ୍ରା ୨୦-୨୪ °C ହେଲେ ଓ ଧାନ ତଳି କିମ୍ବା ପିଲ ଅବସ୍ଥା ରେ ରାତିରେ କାକର ପଡୁଥିଲେ । ଅନବରତ ଝିପିଝିପି ବର୍ଷା ଓ ମେଘୁଆ ପାଗ ଲାଗିରହିଲେ ।

**ବୃଦ୍ଧି ଅବସ୍ଥା :** ତଳି ରୁ ପିଲ ଅବସ୍ଥା ।

**ପରିଚାଳନା :** ଏକ ଲି. ପାଣିରେ ୦.୬ ଗ୍ରାମ ଟ୍ରାଇସାଇକ୍ଲୋଜୋଲ ୭୫ ଡବ୍ଲୁପି କିମ୍ବା ୧ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁପି କୁ ମିଶାଇ ସିଞ୍ଚନ କରନ୍ତୁ ।

**ପତ୍ରଚିତ୍ତା ରୋଗ**

**ପାଣିପାଗ :** ବାୟୁମଣ୍ଡଳ ରେ ଆପେକ୍ଷିକ ଆର୍ଦ୍ରତା ୮୦% କିମ୍ବା ଅଧିକ ହେଲେ ଏବଂ ଦିର୍ଘ ସମୟ ଧରି ମରୁଡି ପରିସ୍ଥିତି ସୃଷ୍ଟି ହେଲେ । ସେପ୍ଟେମ୍ବର ରେ ପ୍ରବଳ ବର୍ଷା ସହିତ ତାପମାତ୍ରା ୨୮-୩୦°C ଏବଂ ଲଗାତାର ମେଘୁଆ ପାଗ ରହିଲେ ।



**ବୃଦ୍ଧି ଅବସ୍ଥା :** ପିଲ ଅବସ୍ଥା ।

**ପରିଚାଳନା :** ଏକ ଲି. ପାଣିରେ ୧ମି.ଲି. ପ୍ରପିକୋନାଜୋଲ ୨୫ଇସି କିମ୍ବା ୩ଗ୍ରାମ ମାନକୋଜେବ ୭୫ଡବ୍ଲୁପି କିମ୍ବା ୧ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁପି କୁ ମିଶାଇ ସିଞ୍ଚନ କରନ୍ତୁ ।

## ପତ୍ରାଚ୍ଛଦ ପୋଡା / ସାପକାତିଆ ରୋଗ



**ପାଣିପାଗ :** ବାୟୁ ର ଆପେକ୍ଷିକ ଆର୍ଦ୍ରତା ୯୬-୯୭% ଓ ତାପମାତ୍ରା ୨୮-୩୪°C ଏବଂ ବର୍ଷା ଓ ଖରା ଅଦଳ ବଦଳ ରହିଲେ ।

**ବୃଦ୍ଧି ଅବସ୍ଥା :** ତଳି ରୁ ପିଲ ଅବସ୍ଥା ।

**ପରିଚାଳନା :** ବୁଦା ପିଛା ୩ଟି ରୁ ଅଧିକା ତଳି ରୁଅନ୍ତୁ ନାହିଁ । ଏକ ଲି. ପାଣିରେ ୨ମି.ଲି. ଭାଲିଡାମାଇସିନ ୩ଏଲ କିମ୍ବା ୨ମ.ଲି. ହେକ୍ସାକୋନାଜୋଲ ୫ଇସି କିମ୍ବା ୧ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁପି କୁ ମିଶାଇ ସିଞ୍ଚନ କରନ୍ତୁ ।

## ପତ୍ରାଚ୍ଛଦ ସଢା ରୋଗ



**ପାଣିପାଗ :** ବାୟୁ ର ଆପେକ୍ଷିକ ଆର୍ଦ୍ରତା ଅଧିକା ଓ ତାପମାତ୍ରା ୨୫-୩୨°C ସହିତ ଝିପିଝିପି ବର୍ଷା ହେଲେ ଓ ଅଧିକା ଯବକ୍ଷାରଜାନ ସାର ପ୍ରୟୋଗ କଲେ ।

**ବୃଦ୍ଧି ଅବସ୍ଥା :** ଧାନ ଗର୍ଭା ଅବସ୍ଥା ରୁ ଧାନ ପାଚିଲା ଅବସ୍ଥା ।

**ପରିଚାଳନା :** ସଂକ୍ରମିତ ଫସଲର ଥୋଡ ପତ୍ର ଅବସ୍ଥାରେ ଏକ ଲି. ପାଣିରେ ୨ମ.ଲି. ହେକ୍ସାକୋନାଜୋଲ ୫ଇସି କିମ୍ବା ୧ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁପି କୁ ମିଶାଇ ୧୦ଦିନ ବ୍ୟବଧାନରେ ୨ଥର ସିଞ୍ଚନ କରନ୍ତୁ ।

## ପତ୍ରପୋଡା ରୋଗ



**ପାଣିପାଗ :** ଅତ୍ୟଧିକ ବର୍ଷା, ରାତିରେ ଅଧିକା କାକର ପଡିବା ଏବଂ ଜମିରେ ଅଧିକା ପାଣି ଜମି ରହିଲେ ଓ ଏହା ସହିତ ବାୟୁ ର ଆପେକ୍ଷିକ ଆର୍ଦ୍ରତା ୯୬-୯୭% ଓ ତାପମାତ୍ରା ୨୫-୩୫°C ରହିଲେ ।

**ବୃଦ୍ଧି ଅବସ୍ଥା :** ତଳି ରୁ କେଣ୍ଡା ଅବସ୍ଥା ।

**ପରିଚାଳନା :** ରୋଇବା ପୂର୍ବରୁ ତଳିକୁ ପ୍ଲାଣ୍ଟମାଇସିନ (୦.୧%) କିମ୍ବା ଷ୍ଟ୍ରେପ୍ଟୋସାଇକ୍ଲିନ (୦.୦୧%) ଦ୍ରବଣରେ ଅଧଘଣ୍ଟା ପର୍ଯ୍ୟନ୍ତ ଉପଚାର କରନ୍ତୁ । ରୋଗ ଆରମ୍ଭ ହେବା ମାତ୍ରେ ପ୍ଲାଣ୍ଟମାଇସିନ ୧ଗ୍ରାମ ଓ କପରଅକ୍ସିକ୍ଲୋରାଇଡ ୧ଗ୍ରାମ କୁ ପ୍ରତି ଲିଟର ପାଣିରେ ମିଶାଇ ୮ଦିନ ବ୍ୟବଧାନରେ ୨ଥର ପ୍ରୟୋଗ କରନ୍ତୁ ।

## ମୂଳସଢ଼ା/ବାକାନୀ ରୋଗ



**ପାଣିପାଗ :** ରାତିରେ କମ୍ ତାପମାତ୍ରା ଓ ଅନବରତ ମେଘୁଆ ପାଗ ସହ ବାୟୁମଣ୍ଡଳର ଆର୍ଦ୍ରତା ୮୦% ରୁ ଅଧିକା ରହିଲେ ଓ ଜମିରେ ଅଧିକା ପାଣି ଜମି ରହିଲେ ।

**ବୃଦ୍ଧି ଅବସ୍ଥା :** ତଳି ଓ ରୁଆ ପରେ ।

**ପରିଚାଳନା :** ସଂକ୍ରମିତ ତଳି କିଆରି ରେ କିମ୍ବା ଧାନ ଖେତରେ ୧ଲି. ପାଣିରେ ୧ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲୁପି କୁ ମିଶାଇ ସିଞ୍ଚନ କରନ୍ତୁ ।

## ପତ୍ରରେଖା/ପତ୍ରଗାର ରୋଗ

**ପାଣିପାଗ :** ବାୟୁ ର ଆପେକ୍ଷିକ ଆର୍ଦ୍ରତା ୮୦-୯୪% ଓ ତାପମାତ୍ରା ୨୬-୩୨°C ରହିଲେ ଓ ଅଧିକା ବର୍ଷା, ମେଘୁଆ ପାଗ ଓ ସୂର୍ଯ୍ୟ ନିର୍ଘଣ୍ଟ ସମୟ କମ୍ ରହିଲେ ।



**ବୃଦ୍ଧି ଅବସ୍ଥା :** ପିଲ ରୁ କେଣ୍ଡା ଅବସ୍ଥା ।

**ପରିଚାଳନା :** ରୋଇବା ପୂର୍ବରୁ ତଳିକୁ ପ୍ଲାଣ୍ଟମାଇସିନ (୦.୧%) କିମ୍ବା ଷ୍ଟ୍ରେପ୍ଟସାଇକ୍ଲିନ (୦.୦୧%) ଦ୍ରବଣରେ ଅଧଘଣ୍ଟା ପର୍ଯ୍ୟନ୍ତ ଉପଚାର କରନ୍ତୁ । ରୋଗ ଆରମ୍ଭ ହେବା ମାତ୍ରେ ପ୍ଲାଣ୍ଟମାଇସିନ ୧ଗ୍ରାମ ଓ କପରଅକ୍ସିକ୍ଲୋରାଇଡ ୧ଗ୍ରାମ କୁ ପ୍ରତି ଲିଟର ପାଣିରେ ମିଶାଇ ୮ଦିନ ବ୍ୟବଧାନରେ ୨ଥର ପ୍ରୟୋଗ କରନ୍ତୁ ।

## ସାହରା ରୋଗ

**ପାଣିପାଗ :** ରାତିର କମ୍ ତାପମାତ୍ରା (୨୫°c) ଓ ବାୟୁରେ ଅଧିକା ଆର୍ଦ୍ରତା ଓ ଧାନ କ୍ଷୀର ଢୋକିବା ଅବସ୍ଥା ରେ ସାମାନ୍ୟ ବର୍ଷା ଏହି ରୋଗ ପାଇଁ ସହାୟକ ହୋଇଥାଏ ।



**ବୃଦ୍ଧି ଅବସ୍ଥା :** ଖୀର ଢୋକିବା ସମୟରେ ।

**ପରିଚାଳନା :** ୧ଲି. ପାଣିରେ ୦.୨୫ମି.ଲି. ଇମିଡାକ୍ଲୋପିଡ ୧୭.୮ ଏସଏଲ କିମ୍ବା ୦.୨ଗ୍ରାମ ଥାୟୋମିଥୋକ୍ସାମ ୨୫ଡବ୍ଲୁଜି କୁ ମିଶାଇ ସିଞ୍ଚନ କରନ୍ତୁ ।

**ଏନ୍.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର : ୧୫୨, ନଭେମ୍ବର - ୨୦୨୦**

**କୃଷି ବିଜ୍ଞାନ କେନ୍ଦ୍ର କଟକ**

(Published under GKMS)

**ସଂପାଦନା: ଦେବାଶିଷ ଜେନା**

**ସହଯୋଗିତା: ସନ୍ଧ୍ୟାରାଣୀ ଦଲାଲ, ସତ୍ୟ ରଞ୍ଜନ ରାଉତ ଓ ଅରବିନ୍ଦ ବିଶୋଇ**